**ହିମାଚଳ ପ୍ରଦେଶ,ଶିମଳା ସରକାରର ଗ୍ରାମୀଣ ବିକାଶ ବିଭାଗର ସଚୀବଙ୍କ ମାଧ୍ୟମରେ**

**ହିମାଚଳ ପ୍ରଦେଶ ରାଜ୍ୟ**

**ବନାମ**

**ଅଶ୍ୱିନୀ କୁମାର ଏବଂ ଅନ୍ୟମାନେ**

**ଜାନୁଆରୀ 3, 1996**

**[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 226,136 - ହାଜିରି ନାମାବଳି ଆଧାରରେ ଦୈନିକ ମଜୁରୀ - କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପାଣ୍ଠିରୁ ମଜୁରୀ ଦିଆଯାଇଛି - ପାଣ୍ଠିର ଅନୁପଲବ୍ଧତା ହେତୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ ବନ୍ଦ ହୋଇଛି - ସେବା ସମାପ୍ତ କରାଯାଇଛି - ଆଜ୍ଞାଦେଶ ଆବେଦନ - ଉଚ୍ଚ ନ୍ୟାୟାଳୟ କର୍ମଚାରୀଙ୍କ ପୁନଃ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ - ଅପିଲ କରିବା ପରେ, ନିର୍ଣ୍ଣୟ ନିଆଯାଇଥିଲା ଯେ: ଅସ୍ଥାୟୀ ନିଯୁକ୍ତିରେ କୌଣସି ନିହିତ ଅଧିକାର ସୃଷ୍ଟି ହୁଏ ନାହିଁ - ଖାଲି ପଦବୀଗୁଡ଼ିକର ଅଣ-ଉପଲବ୍ଧତା - ନ୍ୟାୟାଳୟଗୁଡ଼ିକୁ ବ୍ୟବହାରିକ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ - ପଦବୀଗୁଡ଼ିକର ନିୟମିତକରଣ/ସୃଷ୍ଟି ନିର୍ଦ୍ଦେଶିତ ହୋଇପାରିବ ନାହିଁ - ସେବା ଆଇନ - ନିୟମିତକରଣ* ।

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 1538/1996 ।

ସି. ଡବ୍ଲ୍ୟୁ. ପି. ସଂଖ୍ୟା 18/1992 ରେ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଦିନାଙ୍କ 9.3.93 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ବି. ଦତ୍ତ ଏବଂ ନରେଶ କେ. ଶର୍ମା ।

ଉତ୍ତରଦାତାମାନଙ୍କ ତରଫରୁ ଦେବେନ୍ଦ୍ର ସିଂହ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ଉଭୟ ପକ୍ଷର ଅଧିବକ୍ତାଙ୍କ କଥା ଶୁଣିଲୁ ।

ତଥ୍ୟଗୁଡ଼ିକ ହେଉଛି ଯେ ଉତ୍ତରଦାତା କେନ୍ଦ୍ରୀୟ ଯୋଜନାରେ ହାଜିରି ନାମାବଳି ଆଧାରରେ ଦୈନିକ ମଜୁରୀରେ ନିୟୋଜିତ ହୋଇଥିଲେ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପାଣ୍ଠିରୁ ତାଙ୍କୁ ମଜୁରୀ ଦିଆଯାଉଥିଲା । ଏହା କୁହାଯାଇଛି ଯେ ଏହି ଯୋଜନା ବନ୍ଦ ହେବା ପରେ ସେମାନଙ୍କ ସେବା ସମାପ୍ତ କରାଯାଇଥିଲା । ଯେତେବେଳେ ଉତ୍ତରଦାତାମାନେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ, ଉଚ୍ଚ ନ୍ୟାୟାଳୟ 6 ଜାନୁଆରୀ, 1993 ରେ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେଇଥିଲେ ଏବଂ ସେମାନଙ୍କୁ ଅନ୍ୟତ୍ର ପୁନର୍ବାର ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଅନୁଯାୟୀ 1993 ମସିହା ମାର୍ଚ୍ଚ ମାସ 9 ତାରିଖରେ ଆଜ୍ଞାଦେଶ ଆବେଦନର ଫଏସଲା ହୋଇଥିଲା । ସେଥିପାଇଁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ଏହା ଦେଖାଯାଏ ଯେ ଯେତେବେଳେ ପାଣ୍ଠିର ଅଣ-ଉପଲବ୍ଧତାରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୁଏ ଏବଂ ବନ୍ଦ ହୋଇଯାଏ, ଫଳସ୍ୱରୂପ, କର୍ମଚାରୀମାନଙ୍କୁ ବନ୍ଦ ପ୍ରକଳ୍ପ ସହିତ ଯିବାକୁ ପଡ଼ିଥାଏ । ସେମାନଙ୍କୁ ନିୟମିତ କରିବାକୁ କିମ୍ବା ଅନ୍ୟ ସ୍ଥାନରେ ନିୟୋଜିତ କରି ଜାରି ରଖିବାକୁ ନିର୍ଦ୍ଦେଶ ଦେବାରେ ଉଚ୍ଚ ନ୍ୟାୟାଳୟ ତ୍ରୁଟି କରିଥିଲେ । ଅସ୍ଥାୟୀ ନିଯୁକ୍ତି କ୍ଷେତ୍ରରେ କୌଣସି ନିହିତ ଅଧିକାର ସୃଷ୍ଟି ହୁଏ ନାହିଁ । କୌଣସି ଖାଲି ଥିବା ପଦବୀର ଅନୁପସ୍ଥିତିରେ ସେମାନଙ୍କ ସେବାକୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ କିମ୍ବା ଏକ ଅଣ-ବିଦ୍ୟମାନ ପ୍ରତିଷ୍ଠାନକୁ ପଦବୀ ସୃଷ୍ଟି କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ । ନିର୍ଦ୍ଦେଶ ଦେବାରେ ନ୍ୟାୟାଳୟ ବ୍ୟବହାରିକ ଆଭିମୁଖ୍ୟ ଗ୍ରହଣ କରିବେ । ଏହି ନିର୍ଦ୍ଦେଶଗୁଡ଼ିକ କାର୍ଯ୍ୟର ଅନୁପଲବ୍ଧତା ସତ୍ତ୍ୱେ ପଦବୀ ସୃଷ୍ଟି କରିବା ଏବଂ ସେଗୁଡ଼ିକୁ ଜାରି ରଖିବା ସହିତ ସମାନ ହେବ । ଆମ୍ଭ ବିଚାରଯୋଗ୍ୟ ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଅବୈଧ ଅଟେ, ଯାହା ଆମ୍ଭ ହସ୍ତକ୍ଷେପ ଆବଶ୍ୟକ କରେ । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଯାଉଛି ।

ଅପିଲଟିକୁ ମଞ୍ଜୁରୀ ଦିଆଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍. ଅପିଲଗୁଡ଼ିକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**